# NATIONAL NEWS BULLETIN (ODIA)
## 01st August - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ସୋମବାର ପର୍ଯ୍ୟନ୍ତ ମୁଲତବୀ ।

- ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟାବହାରିକ, ନବସୃଜନକୈନ୍ଦ୍ରିକ ଏବଂ ଶିଳ୍ପ ଅନୁକୂଳ କରିବାପାଇଁ ପରାମର୍ଶ ଦେଲେ ରାଷ୍ଟ୍ରପତି ।

- ଭାରତର ପ୍ରତିରକ୍ଷା ଆବଶ୍ୟକତାର ଉତ୍ସ, ଦେଶର ଜାତୀୟ ସୁରକ୍ଷା ଏବଂ ରଣନୈତିକ ମୂଲ୍ୟାଙ୍କନଦ୍ୱାରା ନିର୍ଣ୍ଣୟ କରାଯାଏ ବୋଲି ବୈଦେଶିକ ମନ୍ତ୍ରଣାଳୟର ସୂଚନା ।

ଏବଂ

- ମକାଉ ଓପନ୍ ବ୍ୟାଡ୍‌ମିଣ୍ଟନର ପୁରୁଷ ସିଙ୍ଗଲ୍‌ସ୍ ସେମିଫାଇନାଲ୍‌ରେ ପ୍ରବେଶ କଲେ ଭାରତର ଲକ୍ଷ୍ୟ ସେନ୍ ଓ ଥରୁନ୍ ମାନ୍ନେପାଲ୍ଲି ।

# ଏଲ୍.ଏସ୍.-ଆର୍.ଏସ୍. - ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ପରେ ସଂସଦର ଉଭୟ ସଦନକୁ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଛି । ଏ ସମ୍ପର୍କରେ ଏକ ରିପୋର୍ଟ :

ରାଜ୍ୟସଭାକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ପରେ ଦିନକ ପାଇଁ ମୁଲତବୀ କରାଯାଇଥିବାବେଳେ ଲୋକସଭାର କାର୍ଯ୍ୟ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରହିବା ପରେ ଶେଷରେ ଦିନକପାଇଁ ମୁଲତବୀ ଘୋଷଣା କରାଯାଇଥିଲା । ରାଜ୍ୟସଭାରେ ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସଦସ୍ୟମାନେ ବିହାର ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂଶୋଧନ ଉପରେ ଆଲୋଚନା ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । କାର୍ଯ୍ୟକାରୀ ଅଧ୍ୟକ୍ଷ ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଚଳେଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ପରେ ଅଧ୍ୟକ୍ଷ ଗୃହକୁ ଦିନକପାଇଁ ମୁଲତବୀ ରଖିଥିଲେ ।

***Voice (Tiwari) :...........***

ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା DPDP ଆଇନ, ୨୦୨୩ କାର୍ଯ୍ୟକାରୀ କରିବା ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ରଖିଥିଲେ । ପୂର୍ବରୁ ପୂର୍ବାହ୍ନ

୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଉପାଧ୍ୟକ୍ଷ ହରିବଂଶ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପାଖରୁ ବିଭିନ୍ନ ପ୍ରସଙ୍ଗ ନେଇ ୩୦ଟି ମୁଲତବୀ ନୋଟିସ୍ ପାଇଥିବା ସୂଚନା ଦେଇଥିଲେ । କିନ୍ତୁ ନୋଟିସ୍‌ଗୁଡ଼ିକ ଉପରେ ରୁଲିଂ ଦେଇ ଉପାଧ୍ୟକ୍ଷ ସେଗୁଡ଼ିକୁ ଖାରଜ କରିଥିଲେ । ବିହାରରେ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂଶୋଧନ ଉପରେ ଆଲୋଚନା ନେଇ ବିରୋଧୀଙ୍କ ଦାବି ପ୍ରସଙ୍ଗରେ ଶ୍ରୀ ହରିବଂଶ କହିଛନ୍ତି, ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଏହି ମାମଲା ନ୍ୟାୟାଳୟ ବିଚାରାଧୀନ ଥିବାରୁ ସେ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁମତି ଦିଆଯିବ ନାହିଁ । ବିରୋଧୀ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହକାର୍ଯ୍ୟ ଜାରି ରଖିବାକୁ ନିବେଦନ କଲାପରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ଉପାଧ୍ୟକ୍ଷ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ଲୋକସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ଅପରାହ୍ଣ ୨ଟାରେ ପ୍ରଥମ ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନାପାଇଁ ଦାବି କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା କୃଷ୍ଣପ୍ରସାଦ ଟେନେଟି ଗୋଆ ରାଜ୍ୟର ବିଧାନସଭା କ୍ଷେତ୍ରର ଅନୁସୂଚିତ ଜନଜାତିଙ୍କ ପ୍ରତିନିଧିତ୍ୱର ପୁନଃ ସମାୟୋଜନ ବିଲ୍-୨୦୨୪ ଉପରେ ଆଲୋଚନା କରିବାକୁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ବିରୋଧୀ ସଦସ୍ୟଙ୍କ ଏପରି କାର୍ଯ୍ୟକୁ

ନିନ୍ଦା କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଦିନକପାଇଁ ମୁଲତବୀ ରଖାଯାଇଥିଲା । ପୂର୍ବରୁ ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଚଳେଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସମ୍ଭବ ହୋଇପାରି ନ ଥିଲା । ଶ୍ରୀ ବିର୍ଲା କହିଥିଲେ, ପ୍ରଶ୍ନକାଳ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ବିରୋଧୀ ସଦସ୍ୟମାନେ ଏଥିରେ ସହଯୋଗ କରିବା ଉଚିତ । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ସଂଦଦର ପରବର୍ତ୍ତୀ ଅଧିବେଶନ ଆସନ୍ତା ୪ ତାରିଖ ଦିନ ଅନୁଷ୍ଠିତ ହେବ ।

**ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।**

## ଝାଡ଼ଖଣ୍ଡ - ପ୍ରେଜ୍ - ଆଇ.ଆଇ.ଟି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ Indian Institute of Technology-Indian School of Mines - (IIT-ISM), ଧାନବାଦର ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଝାଡ଼ଖଣ୍ଡକୁ ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଧାନବାଦସ୍ଥିତ IIT-ISMର

୪୫ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ସହ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଣ୍ଣପଦକ ଏବଂ ଡିଗ୍ରୀ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୈଷୟିକ ପ୍ରତିଷ୍ଠାନର ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ଡାକଟିକଟର ମଧ୍ୟ ଉନ୍ମୋଚନ କରିଛନ୍ତି । ସମାବର୍ତ୍ତନ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କୁ Doctorate in Science ଡିଗ୍ରୀ ପ୍ରଦାନ କରାଯାଇଥିଲା । ପ୍ରତିଷ୍ଠାନର ଗୌରବମୟ ଐତିହ୍ୟର ପ୍ରଶଂସା କରି ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ସମସ୍ୟାର ସରଳ ସମାଧାନ ସହ ଗବେଷଣାପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ରାଷ୍ଟ୍ରପତି ଷ୍ଟାର୍ଟଅପ୍ ଏବଂ ନବସୃଜନ ପ୍ରତି ଧ୍ୟାନ ଦେବା ସହ ବୈଷୟିକ ଅଧ୍ୟୟନରେ ଅଧିକ ଗବେଷଣା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମାନବ ସମ୍ବଳକୁ ଭାରତ ସବୁଠାରୁ ବଡ଼ ଶକ୍ତି ବୋଲି ଅଭିହିତ କରିବା ସହ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟାବହାରିକ, ନବସୃଜନକୈନ୍ଦ୍ରିକ ଏବଂ ଶିଳ୍ପ ଅନୁକୂଳ କରିବାପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ସାଧାରଣ ଓ ଆଦିବାସୀ ଲୋକଙ୍କ ସମସ୍ୟାର ସମାଧାନପାଇଁ ଜନଜାତି ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ଅନୁଷ୍ଠାନର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି । ପୂର୍ବରୁ ରାଷ୍ଟ୍ରପତି ଅନୁଷ୍ଠାନରେ ସ୍ଥାପିତ ଅଟଳ ଇନୋଭେସନ୍ ସେଣ୍ଟର୍‌ରେ ଆଦିବାସୀ ମହିଳାମାନଙ୍କଦ୍ୱାରା ନବସୃଜନ ଆଧାରିତ ପ୍ରଦର୍ଶନୀ ଦେଖିଥିଲେ । ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ବିଷୟରେ ୧ ହଜାର ୫୫ ସ୍ନାତକ ଏବଂ ୭୧୧ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ସମେତ ମୋଟ୍ ୧ ହଜାର ୮୮୦ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ

କରାଯାଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର୍‌ଙ୍କ ସମେତ ଝାଡ଼ଖଣ୍ଡ ଉଚ୍ଚଶିକ୍ଷାମନ୍ତ୍ରୀ ଉପସ୍ଥିତ ଥିଲେ ।

## ଏମ୍.ଇ.ଏ. - ଇଣ୍ଡିଆ-ୟୁ.ଏସ୍.

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଭାରତର ପ୍ରତିରକ୍ଷା ଆବଶ୍ୟକତାର ଉତ୍ସ କେବଳ ଦେଶର ଜାତୀୟ ସୁରକ୍ଷା ଆବଶ୍ୟକତା ଏବଂ ରଣନୈତିକ ମୂଲ୍ୟାଙ୍କନଦ୍ୱାରା ନିର୍ଣ୍ଣୟ କରାଯାଏ । ପ୍ରତିରକ୍ଷା କ୍ରୟ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି । ଭାରତ-ରୁଷ୍ ସମ୍ପର୍କର ଏକ ପ୍ରଶ୍ନର ଉତ୍ତରରେ ମୁଖପାତ୍ର କହିଛନ୍ତି, ବିଭିନ୍ନ ଦେଶ ସହିତ ଦ୍ୱିପାକ୍ଷିକ ସମ୍ପର୍କ ନିଜସ୍ୱ ଯୋଗ୍ୟତା ଉପରେ ପର୍ଯ୍ୟବସିତ ଏବଂ ଏହାକୁ ତୃତୀୟ ଦେଶର ଦୃଷ୍ଟିକୋଣରୁ ଦେଖାଯିବା ଉଚିତ ନୁହେଁ । ଭାରତ ଏବଂ ରୁଷ୍ ମଧ୍ୟରେ ଏକ ସ୍ଥିର ଓ ବହୁ ପରୀକ୍ଷିତ ସହଭାଗିତା ରହିଛି ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି । ସେ କହିଛନ୍ତି, ଭାରତ-ଆମେରିକା ସହଭାଗିତା ଅନେକ ପରିବର୍ତ୍ତନ ଏବଂ ଆହ୍ୱାନକୁ ମୁକାବିଲା କରିଛି । ଦୁଇ ଦେଶ ପ୍ରତିବଦ୍ଧ ଥିବା ମୂଳ ଏଜେଣ୍ଡା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହ ସମ୍ପର୍କର ଅଗ୍ରଗତି ନେଇ ନୂଆଦିଲ୍ଲୀ

ବିଶ୍ୱାସ ରଖିଛି । ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କ ଉପରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ଦୃଢ଼ ପ୍ରତିରକ୍ଷା ସହଭାଗିତା ରହିଛି, ଏକବିଂଶ ଶତାବ୍ଦୀ ପାଇଁ ଭାରତ-ଆମେରିକା COMPACT ଅଧୀନରେ ଏହି ସହଭାଗିତା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ନିମିଷା ପ୍ରିୟା ମାମଲାରେ ମୁଖପାତ୍ର କହିଛନ୍ତି, ଏହା ଏକ ସମ୍ବେଦନଶୀଳ ମାମଲା ଏବଂ ସରକାର ଏଥିପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଆସୁଛନ୍ତି ।

## ଏଲ୍.ଏସ୍. - ଜନ ଔଷଧି

ରେଳ ଷ୍ଟେସନ୍‌ଗୁଡ଼ିକରେ ଯାତ୍ରୀମାନଙ୍କ ସମେତ ଜନସାଧାରଣଙ୍କୁ ଗୁଣାତ୍ମକ ଏବ ସୁଲଭ ଔଷଧ ଉପଲବ୍ଧତା ସୁନିଶ୍ଚିତ କରିବାପାଇଁ ଚଳିତ ବର୍ଷ ଜୁନ ୩୦ ତାରିଖ ସୁଦ୍ଧା ରେଳ ଷ୍ଟେସନ୍‌ଗୁଡ଼ିକରେ ମୋଟ୍ ୧୦୬ଟି ଜନ ଔଷଧି କେନ୍ଦ୍ର ଖୋଲାଯାଇଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା ଅନ୍ତର୍ଗତ ସମଗ୍ର ଦେଶରେ ୧୬ ହଜାର ୯୧୨ଟି ଜନ ଔଷଧି କେନ୍ଦ୍ର ଖୋଲାଯାଇଛି । ସେଥିମଧ୍ୟରୁ ୮ ହଜାର ୬୬୦ଟି କେନ୍ଦ୍ର ଗ୍ରାମାଞ୍ଚଳରେ ରହିଛି । ପ୍ରତିଦିନ ପ୍ରାୟ ୧୦ରୁ ୧୨

ଲକ୍ଷ ଲୋକ ସେହି କେନ୍ଦ୍ରଗୁଡ଼ିକରୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ପାଉଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ବ୍ରାଣ୍ଡେଡ୍ ଔଷଧର ମୂଲ୍ୟକୁ ତୁଳନା କଲେ ନାଗରିକମାନେ ୩୮ ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ଏଲ୍.ଏସ୍. - ଇଣ୍ଡିଆନ ଓସନ୍ ରିଜିଅନ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି, ସରକାର ଭାରତ ମହାସାଗରୀୟ କ୍ଷେତ୍ରରେ ଭାରତର ସୁରକ୍ଷା ଏବଂ ଆର୍ଥିକ ସ୍ୱାର୍ଥ ଉପରେ ପ୍ରଭାବ ପକାଇଥିବା ସମସ୍ତ ଘଟଣା ଉପରେ ନଜର ରଖିବା ସହ ଦେଶର ସ୍ୱାର୍ଥକୁ ସୁରକ୍ଷିତ ରଖିବାପାଇଁ ଉପଯୁକ୍ତ ପଦକ୍ଷେପ ନେଉଛନ୍ତି । ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଭାରତ ମହାସାଗର କ୍ଷେତ୍ରର ଦେଶଗୁଡ଼ିକ ସହ ଭାରତର ସମ୍ପର୍କ ବ୍ୟାପକ ଏବଂ ଦୀର୍ଘସ୍ଥାୟୀ । ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ମରିସସ୍ ଭଳି ଦେଶଗୁଡ଼ିକ ଭାରତର ପ୍ରଥମ ପ୍ରଡ଼ୋଶୀ ନୀତି ଆଧାରାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଏହି କ୍ଷେତ୍ରର ଦେଶଗୁଡ଼ିକ ସହ ଭାରତର ରାଜନୈତିକ ସମ୍ପର୍କ ସୁଦୃଢ଼ ରହିବା ସହ ବାଣିଜ୍ୟ ଓ ନିବେଶ ବୃଦ୍ଧି ପାଉଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## କାମ୍ବୋଡ଼ିଆ-ଥାଇଲାଣ୍ଡ ଟକ୍ସ

ମାଲେସିଆରେ ସୀମା ସମସ୍ୟା ଉପରେ ଆସନ୍ତା ସପ୍ତାହରେ ଆଲୋଚନା କରିବାପାଇଁ ଥାଇଲାଣ୍ଡର ପ୍ରସ୍ତାବକୁ କାମ୍ବୋଡ଼ିଆ ସ୍ୱାଗତ କରିଛି ବୋଲି କାମ୍ବୋଡିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି । କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରୀ ଟି. ସେଇହା ଏବଂ ଥାଇଲାଣ୍ଡ ଉପ-ପ୍ରତିରକ୍ଷା ମନ୍ତ୍ରୀ ନଟ୍ଟାଫୋନ୍ ନାର୍କଫାନିଟ୍ ସେହି ବୈଠକରେ ଯୋଗଦେବେ ।

## ମକାଉ ଓପନ୍

ଭାରତର ଲକ୍ଷ୍ୟ ସେନ୍ ଓ ଥରୁନ୍ ମାନ୍ନେପାଲ୍ଲି ମକାଉ ଓପନ୍ ବ୍ୟାଡ୍‌ମିଣ୍ଟନର ପୁରୁଷ ସିଙ୍ଗଲ୍‌ସ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଲକ୍ଷ୍ୟ ସେନ୍ ଆଜି ପୂର୍ବ-ଏସୀୟ କ୍ରୀଡ଼ାଙ୍ଗନରେ ଚୀନ୍‌ର ଝୁ ଜୁଆଙ୍ଗ୍ ଚେନ୍’ଙ୍କୁ ୨୧-୧୪, ୧୮-୨୧ ଏବଂ ୨୧-୧୪ରେ ପରାସ୍ତ କରିଛନ୍ତି । ସେମିଫାଇନାଲ୍‌ରେ ଲକ୍ଷ୍ୟ ସେନ୍ ବିଶ୍ୱର ପଞ୍ଚମ ମାନ୍ୟତାପ୍ରାପ୍ତ ଇଣ୍ଡୋନେସିଆ ଖେଳାଳି ଅଲ୍‌ୱି ଫରହାଁଙ୍କୁ ଭେଟିବେ । ଥରୁନ୍ ମାନ୍ନେପାଲ୍ଲି ଚୀନ୍‌ର ହୁ ଝେ ଆନ୍’ଙ୍କୁ ୨୧-୧୨, ୧୩-୨୧ ଓ ୨୧-୧୮ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଆଜି ପୁରୁଷ ଡବଲ୍‌ସ୍‌ରେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ସେଟ୍ଟୀ କ୍ୱାର୍ଟର୍ ଫାଇନାଲ୍‌ରେ ମାଲେସୀୟ ଯୋଡ଼ି ଚୁଙ୍ଗ୍ ହୋନ୍ ଜିଆଙ୍ଗ୍ ଏବଂ ମହମ୍ମଦ ହଇକାଲ୍‌ଙ୍କଠାରୁ ୧୪-୨୧, ୨୧-୧୩ ଓ ୨୦-୨୨ରେ ପରାସ୍ତ ହୋଇଛନ୍ତି ।

## କ୍ରିକେଟ୍

ଲଣ୍ଡନର ଓଭାଲଠାରେ ଖେଳାଯାଉଥିବା ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଚୂଡ଼ାନ୍ତ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଭାରତ ତା'ର ପ୍ରଥମ ଇନିଙ୍ଗ୍‌ସରେ ସମସ୍ତ ୱିକେଟ୍ ହରାଇ ୨୨୪ ରନ୍ କରିବା ପରେ ଇଂଲଣ୍ଡର ବ୍ୟାଟିଂ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଇଂଲଣ୍ଡ ୩ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିଛି ।

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଏହି ଚୂଡ଼ାନ୍ତ ମ୍ୟାଚ୍ ଭାରତ ପାଇଁ ନିର୍ଣ୍ଣାୟକ ହୋଇପଡ଼ିଛି। ଶୃଙ୍ଖଳା ପରଜାୟରୁ ବର୍ତ୍ତିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ପଡ଼ିବ। ଏହି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି ।

*****